ଆମ ଗୀତବହି

ସେଣ୍ଟର୍ ଫର୍ ୟୁଥ୍ ଆଣ୍ଡ୍ ସୋସିଆଲ୍ ଡେଭେଲପ୍‌ମେଣ୍ଟ୍
ଭୁବନେଶ୍ୱର

Digitized by srujanika@gmail.com

cysd
ସେଣ୍ଟର୍ ଫର୍ ୟୁଥ୍
ଆଣ୍ଡ୍
ସୋସିଆଲ୍ ଡେଭେଲପ୍‌ମେଣ୍ଟ
୭/୨୦, ସହୀଦ୍‌ନଗର, ଭୁବନେଶ୍ୱର •

Digitized by srujanika@gmail.com

ଆମ ଗୀତବହି

ପ୍ରଥମ ସଂସ୍କରଣ • ୧୯୯୭

ମୁଖ୍ୟ ସଂପାଦକ • ଶ୍ରୀଯୁକ୍ତ ଇନ୍ଦୁଭୂଷଣ ମିଶ୍ର

ସଂପାଦନା ମଣ୍ଡଳୀ • ସୁନୀତା ସୁନ୍ଦରାୟ
ଭାରତୀ ମହାପାତ୍ର
ଜିତେନ୍ଦ୍ର ସୁନ୍ଦରାୟ

ପ୍ରକାଶକ • ସେଣ୍ଟର ଫର୍ ୟୁଥ୍ ଆଣ୍ଡ୍
ସୋସିଆଲ୍ ଡେଭେଲପ୍‌ମେଣ୍ଟ୍
୪/୬୦, ସହୀଦ୍ ନଗର,
ଭୁବନେଶ୍ୱର

ପ୍ରଚ୍ଛଦ, ଲିପି ଓ
ଅଙ୍ଗସଜ୍ଜା • ଅଶୋକ କୁମାର

ମୁଦ୍ରଣ • କ୍ୱାଲିଟି ପ୍ରେସ (ପ୍ରା) ଲି:..

Digitized by srujanika@gmail.com

ବହି ବିଷୟରେ ପଦେ

ଗୀତ ସମସ୍ତଙ୍କ ମନରେ ଆନନ୍ଦ ଭରିଦିଏ । ଶିକ୍ଷା କେବଳ ଜ୍ଞାନ ପରିସର ଭିତରେ ସୀମିତ ନୁହେଁ । ଶିକ୍ଷା ଲାଭଦ୍ୱାରା ଜ୍ଞାନ ବଢ଼ିଥାଏ, ଚିନ୍ତାଧାରା ବଦଳି ଯାଏ ଓ ସଫଳତା ସହ କାମ କରିବାର ଦକ୍ଷତା ମଧ୍ୟ ବଢ଼େ । କୋମଳ ମତି ଶିଶୁମାନେ ଗୀତ ଗାଇବା ସଙ୍ଗେ ସଙ୍ଗେ ଅଭିନୟ ବା ଅଙ୍ଗ ଭଙ୍ଗୀ କରି ନାଚିବାକୁ ଭଲପାଆନ୍ତି ।

ସି.ୱାଇ.ଏସ.ଡି. ଅଣ-ଆନୁଷ୍ଠାନିକ ଶିକ୍ଷା କେନ୍ଦ୍ର ଗୁଡ଼ିକରେ ଅନେକ ବିକଳ୍ପ ପନ୍ଥା ପ୍ରୟୋଗ କଲେଣି । ଗାଁ ମାନଙ୍କରେ ଶିକ୍ଷାର ପ୍ରସାର ନିମିତ୍ତ ସହାୟକ / ସହାୟିକା ମାନଙ୍କ ମାଧ୍ୟମରେ ସମାନତା, ସହ-ଯୋଗୀତା, ସ୍ୱାଧୀନତା, ଏକତା ଓ ସ୍ନେହ ଆଦିର ମୂଲ୍ୟବୋଧ ସୃଷ୍ଟି ଆମର ଲକ୍ଷ୍ୟ ଓ କାମନା ।

ବଣର ମଲ୍ଲୀ ବଣରେ ଫୁଟି ଝଡ଼ିଯାଏ । ତା'ର ସୌରଭ କେହି ଉପଭୋଗ କରିପାରନ୍ତି ନାହିଁ । ସହାୟକ/ସହାୟିକା ମାନଙ୍କର ସୁପ୍ତ ସୃଜନାତ୍ମକ ପ୍ରତିଭାର ବିକାଶ "**ଆମ ଗୀତବହି**," ଦରୋଟି କୁନି କୋମଳମତି ଶିଶୁମାନଙ୍କ ପାଇଁ ।

ଜଗଦାନନ୍ଦ

Digitized by srujanika@gmail.com

ସୂଚୀପତ୍ର

- କେତେ ସୁନ୍ଦର ଗାଁଟି ମୋର ୧ ମମତା ଦାସ
- ପରିବେଶ ସଚେତନତା ୨ ଦିଲ୍ଲିପ ପଟ୍ଟନାୟକ
- ବାଘ୍ୟକୁକୁରଙ୍କୁ ସାବଧାନ ୩ ଇନ୍ଦୁଭୂଷଣ ମିଶ୍ର
- ମାଛିଙ୍କୁ ସାବଧାନ ୪ ଇନ୍ଦୁଭୂଷଣ ମିଶ୍ର
- ମଶାଙ୍କୁ ସାବଧାନ ୫ ଇନ୍ଦୁଭୂଷଣ ମିଶ୍ର
- ପକ୍ଷୀ ୬ ସୁନନ୍ଦା ସୁନ୍ଦରାୟ
- ମଳହେଲା କାଳ ୭ ରବିନାରାୟଣ ଦାଶ
- ସନ୍ଧ୍ୟା ଗୀତ ୮ ଭାରତୀ ମହାପାତ୍ର
- ସନ୍ଧ୍ୟାଗୀତ ୧୦ ସାରଥି ସ୍ୱାଇଁ
- ଗଣିତ (ମିଶାଣ) ୧୧ ହେମନ୍ତ ମହାନ୍ତି
- ସନ୍ଧ୍ୟା ଗୀତ ୧୨ ହେମନ୍ତ ମହାନ୍ତି
- ପୁଷି ବିଲେଇ ୧୪ ସୁନନ୍ଦା ସୁନ୍ଦରାୟ
- ମାଣିକ ରାଜା ୧୫ ସୁନନ୍ଦା ସୁନ୍ଦରାୟ
- କିଏ ବଡ଼? ୧୫ ସୁନନ୍ଦା ସୁନ୍ଦରାୟ
- ଅଜାବୁଢ଼ା ଆମ ଅଜାବୁଢ଼ା ୧୯ ସୁରେଶ ସ୍ୱାଇଁ
- ଆମରି ଗାଁ ର ନିତେଇ ୨୦ ଅଜୟ କୁମାର ପାତ୍ର
- ଗଛ୍ରୁ ପୂଜନେଇଁ ୨୨ ମନୋଜ ଷଡ଼ଙ୍ଗୀ
- ବୃକ୍ଷରୋପିବା କାହାପାଇଁ ୨୩ ମନୋଜ ଷଡ଼ଙ୍ଗୀ
- ବାଜି ରାଉତ ୨୬ ମମତା ଦାସ

Digitized by srujanika@gmail.com

- ଆମେ ବୁଲିବୁଲି ତାଳି ମାରିବା — ୨୭ — ସୁନନ୍ଦା ସିଂହରାୟ
- କାହାପାଇଁ କିଏ ? — ୨୯ — ଭାରତୀ ମହାପାତ୍ର
- ପାଠ ପଢ଼ିବା — ୩୦ — ପ୍ରଭାସ ମହାରଣା
- ଆମ ଝୁନା — ୩୨ — ମଳୟ ଓ ରବି
- ଗୋଲୁ (ଶିଶୁ କବିତା) — ୩୫ — ଲକ୍ଷ୍ମୀପ୍ରିୟା ଦାସ
- କୋଇଲି କହିଲା କୁ — ୩୬ — ଗୀତାରାଣୀ ନାୟକ
- ଫୁଲ୍ଗାଛର ଗୀତ — ୩୭ — କୃଷ୍ଣଚନ୍ଦ୍ର ନାୟକ
- ଆମେ ସବୁ ଫୁଲକଳି — ୩୮ — ଗାୟତ୍ରୀବାଳା ନାୟକ
- ଗଛ ଉପକାରି — ୩୯ — ମିନୁଲତା ମହାନ୍ତି
- ଚିକି ଚଢ଼େଇ — ୪୦ — ଅଞ୍ଜଳି ରଥ
- ବସନ୍ତ ଋତୁ — ୪୨ — ଗରିମା ସାମନ୍ତରାୟ
- ଗୋଲାପ କଢ଼ି — ୪୩ — ଯାଜ୍ଞସେନୀ ମିଶ୍ର
- ଏଇ ମୋରି ଗାଁ — ୪୪ — ରୀନା ସ୍ୱାଇଁ
- ଭାରତର ସବୁକିଛି ପାଇବି ମୁଁ ଓଡ଼ିଶାରେ — ୪୫ — ସୌଦାମିନୀ ସାହୁ
- ଏକ ଭୂତ — ୪୬ — ଶଶିଧର ବେଜ
- ଅଜା ଆଇ — ୪୭ — କାଦମ୍ବିନୀ ବେହେରା
- ଗଛର ରୋଷେଇ ଶାଳ — ୪୮ — ସଂଗୃହିତ
- ଦିନ ରାତିର ଖେଳ — ୫୦ — ସଂଗୃହିତ
- ପ୍ରାର୍ଥନା — ୫୯ — ସୌଦାମିନୀ ସାହୁ

Digitized by srujanika@gmail.com

କେତେ ସୁନ୍ଦର ଗାଁଟି ମୋର

• ମମତା ଦାସ୍
(ଝୁମ୍ପୁଝୁମା)

କେତେ ସୁନ୍ଦର ଗାଁଟି ମୋର ଲତା ପତର ଘେରା
ଅଳପ ଦୂରୁ ଅଧାବାଟରୁ ଦିଶଇ କେତେ ଗୋରା ।୧।
ପାହିଲେ ରାତି ଶୁଭଇ ନିତି କୁଆ କୋଇଲି ଡାକ
ଦିଅଁ ଦେଉଳେ ବଡ଼ିସକାଳେ ବାଜଇ ଘଣ୍ଟ ଶଙ୍ଖ ।୨।
ପବନେ ମିଶି ଆସଇ ଭାସି ସଜ ଫୁଲର ବାସ
ପିଲାଏ ମିଶି କୁସୁମ ତୋଳି ଆହ୍ଲାଦି ହସ ହସ ।୩।

ମାଳକୁ ମାଳ ପାଚିଲା ଫଳ ବଗିଚା ତୋଟା ମାଳେ
ଗଛରେ ରହି ଦୋହଲୁଥାଇ ପବନ ତାଳେ ତାଳେ ।୪।
ହଳିଆ ଭାଇ ସଂଗୀତ ଗାଇ ବାହୁଡ଼ି ଆସେ ଘରେ
ତା' କୁନି ପୁଅ ଦେଖୁତା ମୁହଁ ଆସଇ ଧାଇଁ ଖରେ ।୫।
ହସି ହସିକା ନାଚି ନାଚିକା ଗାଁର ଯେତେ ପିଲେ
ଫେରନ୍ତି ଘରେ ମନ ଖୁସିରେ ଗୁହାଳି ଛୁଟି ହେଲେ ।୬।

Digitized by srujanika@gmail.com

ପରିବେଶ ସଚେତନତା

• ଦିଲ୍ଲୀପ୍ ପଟ୍ଟନାୟକ
ଅରିସଲ ରୋଡ଼
ବେଲାଙ୍ଗ

ଆସ ଆସ ଭାଇ   କହିଦିବାରେ ସଭିଙ୍କୁ
ଆମେ ଏକାଠି ହୋଇ
ମନୋରମ ପରିବେଶ ଆମରି ପାଇଁ
ଗଛଲତା ଫୁଲଫଳ ସୁନ୍ଦର ଦିଶଇ ।୧।
ପରିବେଶ ହେଲେ ଧ୍ୱଂସ   ପଶୁପକ୍ଷୀ ହେବେ ନାଶ
ରହିବେ ନାହିଁରେ କେହି   ଗଛକି ଜୀବ ଜଗତ
ରହୁଁଥିବା ଖାଲି ଆମେ ଜଳକା ହୋଇ ।୨।
ବୃକ୍ଷଲତା ବନ୍ୟପ୍ରାଣୀ   ପଶୁପକ୍ଷୀ ନର ନାରୀ
ସଭିଙ୍କର ବଞ୍ଚିବାର   ଅଧିକାର ଏକାପରି
ମିଳି ମିଶି କାମ କର ବଞ୍ଚିବା ପାଇଁ ।୩।
ଜାତି ଧର୍ମ ଭଗବାନ   ଭେଦଭାବ ସବୁ ଛାଡ଼ି
ପରିବେଶ ରକ୍ଷା ପାଇଁ   ବାହାରିବା ଅଣ୍ଟା ଭିଡ଼ି
ସବୁଜ ସମ୍ପଦେ ଗାଁ ଦେବା ସଜାଇ ।୪।

Digitized by srujanika@gmail.com

ବାଘୁଆ କୁକୁରକୁ ସାବଧାନ

● ଶ୍ରୀ ଇନ୍ଦୁଭୂଷଣ ମିଶ୍ର

ବାଘୁଆ କୁକୁରକୁ ବାବୁ ହୁଅ ସାବଧାନ
କାମୁଡ଼ିବ ଯଦି ସେହି ଜୀବ ଗଲା ଜାଣ ।୧।
ବାଘୁଆ କୁକୁର ପାଟିରେ ଥାଏ ଯେଉଁ ଲାଳ
ଜଳାତଙ୍କ ରୋଗ ପାଇଁ ସେହି ଅଟେ କାଳ ।୨।
ପ୍ରତିଷେଧକ ବ୍ୟବସ୍ଥା ଏହାକୁ ତ ନାହିଁ
ଚିକିତ୍ସା ନକଲେ ରୋଗୀ ନିଶ୍ଚୟ ମରଇ ।୩।

ପାଣିକୁ ଦେଖିଲେ ରୋଗୀ ଭୟ କରୁଥାଇ
କୁକୁର ସଦୃଶ ଭୁକି ଭୁକି ସେ ମରଇ ।୪।
କୁକୁର ଦେଖିଲେ ପିଲେ ନ ମାରିବ କେବେ
ବିପଦ ହୋଇବ ସେହୁ କାମୁଡ଼ିବ ଯେବେ ।୫।
ବାଘୁଆ ବୋଲି କୁକୁରକୁ ଯେବେ ଜାଣିବ
ଗାଆଁର ଭେଣ୍ଡିଆ ମିଶି ନିଶ୍ଚୟ ମାରିବ ।୬।

Digitized by srujanika@gmail.com

ମାଛିଙ୍କୁ ସାବଧାନ

• ଶ୍ରୀ ଇନ୍ଦୁଭୂଷଣ ମିଶ୍ର

ମାଛି.........ମାଛି.........ମାଛି...........
ମଇଳା ଗଦାରେ ବସେ ସେହୁ ମାଛି......ମାଛି......
କହୁଅଛି ମାଛି କଥା ଶୁଣ ତୁମେ ଭାଇ
ଶୁଣିଲେ ଯେ ତୁମ ସ୍ୱାସ୍ଥ୍ୟ ଦେବଯେ ବୁଲାଇ ।୧।
ମଳରେ ବସଇ ମାଛି ପୁଣି ଉଡ଼ି ଆସେ
ଆମ ଖାଇବା ପତରେ ଆନନ୍ଦରେ ବସେ ।୨।
ମେଳା ମଉଛବ ଯାନି ଯାତ୍ରା ମଇଳାରେ
ମାଛି ମାନଙ୍କ ମଉଜ କହିଲେ ନ ସରେ ।୩।



ଜଳଖିଆ ଦୋକାନ ଯେ ପୁଣି ହୋଟେଲରେ
ମାଛି ଭଣ ଭଣ ଦେଖ ଯଦି ତୁମେ ଗଲେ ।୪।
ମାଛି ବସା ଖାଦ୍ୟ ଖାଇ ଲୋକେ ଏ ଦେଶରେ
ଭୋଗନ୍ତି ଯେତେକ ରୋଗ ଯନ୍ତ୍ରି ଏହି ମୂଳରେ ।୫।

Digitized by srujanika@gmail.com

କୃମି ରୋଗ, ଝାଡ଼ାବାନ୍ତି, ଟାଇଫଏଡ୍ ଜାଣି
ଆମାଶୟ ଜାମଳଯେ ଦୁଷ୍ଟ ରୋଗ ମାନ ।୨।
ଖାଦ୍ୟ ଦରବ ଆମର ଘୋଡାଇ ରଖିବା
ମାଛିବସା ପଦାର୍ଥଯେ କେବେ ନ ଖାଇବା ।୩।
ଘରେ ଘରେ ପାଇଖାନା ଦିଅଯେ ବସାଇ
ମଳରେ ମାଛି ଆଉ ବସି ନ ପାରଇ ।୪।



ମଶାଙ୍କୁ ସାବଧାନ

• ଶ୍ରୀ ଇନ୍ଦୁଭୂଷଣ ମିଶ୍ର



ମ୍ୟାଲେରିଆ ପାଳିଜର
ଦେହକରେ ଥରଥର ।
ପୁଣି ଦୁଷ୍ଟ ବାତଜର
ଗୋଡ ହାତ ଯେ ଗୋଦର
ଏହି ଦୁଇ ଗୋଟି ରୋଗ
କରଇ ମଣିଷ ଭୋଗ ।

ମଶାଙ୍କୁ ନିପାତ କର
ମଶାରୀ କର ବ୍ୟବହାର ।
କଲେ ପାଇ ତୋ ଜୀବନ
ରକ୍ଷା ପାଇ ଯିବ ଜାଣ
ମ୍ୟାଲେରିଆ ଜରପାଇଁ
ମନେ ରଖନ୍ତୁ ତୁ ଏହି ।



Digitized by srujanika@gmail.com

ଯକ୍ଷ୍ମା

• ସୁନନ୍ଦା ସୁନ୍ଦରାୟ (ଟ୍ରେନର)

ଢ଼ଗଲା ବଗଲା ମୁଁ ହାରି ଯାଗଲା
ମାନିଲି ନାହିଁ କଥା କାହାର ଭଲା
ହେ ମୋତେ କାଶି...କାଶି....କାଶି.....କାଶି.......

ବହୁତ କାଶ ହେ ମୋତେ ବହୁତ କାଶ
କାଶି କାଶି କାଶି ମୁହିଁ ହେଲି ବେହୋସ ।୧।

ଅପରିଷ୍କାର ଜାଗାରେ ସାଂଗ ସାଥୀଙ୍କ ମେଳରେ
ପିଇଲି ସିଗାରେଟ୍, ମଦ, ସାଥୀରେ
ଲାଗିଲା ଦରଜ ମୋ ଛାତି ପିଠିରେ
ହେ ମୋତେ ଜର...ଜର....ଜର.....ମୋର ଝାଳ ବହୁଛି
କାହିଁକି ଏମିତି ଦୁରୁବଳ ଲାଗୁଛି ।୨।

କଫ଼ ଘାଗଡା ଶୁଖୁଛି ରଂଗ ଫିକା ମୋ ପଡ଼ିଛି
ନିଃଶ୍ୱାସ ନେଲେ ଭାରି କଷ୍ଟ ଲାଗୁଛି
ଓଜନ କମି କାଶେ ରକ୍ତ ପଡୁଛି

Digitized by srujanika@gmail.com

ହେ ମୋତେ କର..କର...କର....କେହି ଭଲ କର
ସହି ହେଉନାହିଁ ଅଉ ରୋଗର ଭାର ।୩।
ଡାକ୍ତରଙ୍କୁ ଯାଇକରି ଔଷଧ ନେଇ ଖାଅ
ଘରପେ ଦୁଇବରଷ ଖାଅ ଏମିତି
ସବୁରି ଲୋକଠାରୁ ଦୂରେଇ ନିହି

ବିଶ୍ରାମ ନିଅ...ନିଅ....ନିଅ..... ଭଲଖାଦ୍ୟ ଖାଅ
ଏମିତି କଲେ ରୋଗ ଭଲ ହେବ ନିଶ୍ଚୟ ।୪।

• ରବିନାରାୟଣ ଦାଶ, କୁମ୍ଭେଇ (ଚୌଦ୍ୱାର)

ଗାଁରେ ଗାଁରେ ଝାଡ଼ାଲୋ, ଫୁଲ ବଉଳ ବେଣୀ
ଘରେ ଘରେ ଝାଡ଼ାବାନ୍ତି ଲାଗିଗଲା
ସମସ୍ତଙ୍କ ମନ ଦୁଃଖ ଗୋ ଫୁଲ ବଉଳ ବେଣୀ ।୧।
ପଦାରେ ଝାଡ଼ା ଫେରିଲେ ଗୋ, ଫୁଲ ବଉଳ ବେଣୀ
ମଳରେ ବସନ୍ତି ମାଛିମାନେ ପୁଣି

Digitized by srujanika@gmail.com

ବସନ୍ତି ଖାଦ୍ୟ ଦରବେ ଗୋ ଫୁଲ ବଉଳ ବେଣୀ ।୨।
ରୋଗର ଜୀବାଣୁ ଆଣି ଗୋ ଫୁଲ ବଉଳ ବେଣୀ
ଖାଦ୍ୟ ଦରବ ରେ ଛାଡିସେ ଦିଅନ୍ତି
ଆମେ ହେଉ ହରବରାଣ ଗୋ ଫୁଲ ବଉଳ ବେଣୀ ।୩।

ଚପଲ ମାଡିତୁ ପିନ୍ଧଲୋ ଫୁଲ ବଉଳ ବେଣୀ
ନ ହେଲେ ପାଦରେ ମଳ ଲାଗିଗଲେ
ପଶିବ କୁରୁମି ରୋଗ ଗୋ ଫୁଲ ବଉଳ ବେଣୀ ।୪।

ପାଣିକୁ ସିଝାଇ ପିଅ ଗୋ ଫୁଲ ବଉଳ ବେଣୀ
ମାଛି ଘଉଡ଼ାଇ ଗରମ ଖାଇଲେ
ରୋଗ ଆଉ ନ ଧରିବ ଗୋ ଫୁଲ ବଉଳ ବେଣୀ ।୫।



ଘରେ ଘରେ ପାଇଖାନାଲୋ ଫୁଲ ବଉଳ ବେଣୀ
ବସାଇଲେ ଆମେ ମାଛି ଆଉ ମଳ
ଅଲଗା ହୋଇବ ପୁଣି ଗୋ ଫୁଲ ବଉଳ ବେଣୀ ।୬।

Digitized by srujanika@gmail.com

ସଂଖ୍ୟାଗୀତ (ଗୁଣନ)

• ପ୍ରାର୍ଥନା ମହାପାତ୍ର (ପ୍ରେରକ),
ଯୁବ ଓ ସମାଜ ବିକାଶ କେନ୍ଦ୍ର

ଦୁଇଏକେ ଦୁଇ
ପାଠ ପଢ଼ିବି ମୁହିଁ ।
ଦୁଇ ଦୁଇଏ ଚାରି
କଥା କହେ ଶାରୀ ।
ଦୁଇ ତିରି ଛଅ
ସିଲଟ ଖଡ଼ି ଥୁଅ ।
ଦୁଇ ଚଉ ଆଠ
ପାଠ ବତାଏ ବାଟ ।
ଦୁଇ ପଞ୍ଚା ଦଶ
ପଢ଼ିଆ ଜମି ଚଷ ।

ଦୁଇ ଛୋ ବାର
ନାଆରେ ହୁଅ ପାର ।
ଦୁଇ ସତା ଚଉଦ
କଳା କଳା ବଉଦ ।
ଦୁଇ ଅଷ୍ଟ ଷୋହଳ
ସାପ ମାରେ ନେଉଳ ।
ଦୁଇ ନଅଁ ଅଠର
ଗଗଣ କେଁ କଟର ।
ଦୁଇ ଦଶା କୋଡ଼ିଏ
ହଳ ବଳଦ ଯୋଡ଼ିଏ ।

Digitized by srujanika@gmail.com

ଝୁମ୍ପାଗୀତ (ଗଣନା)

• ସାରଥି ସ୍ୱାଇଁ (କଇଁଜ, ଗୈଦ୍ୱାର)

ଏକ, ଦୁଇ, ତିନି, ଚାରି
କାମକୁ ଆସ ଯିବା ବାହାରି ।୧।
ପାଞ୍ଚ ଗଲା ଖସି
ଛଅ ପଡିଲା ବସି ।୨।
ସାତ ବୁଜିଲା ଆଖି
ଆଠ ଯାଉଛି ଦେଖି ।୩।
ନଅ କରେ ଗ୍ରାଇଜମ୍
ଦଶ ଚଲାଏ ବିଜୁଳି ପମ୍ପ ।୪।
ଏଗାର ପରେ ଦୁଇ ବାଆର
ତେର ହସେ ଖର ଖର ।୫।
ଚଉଦ କହେ ହୋ ହୋ
ପନ୍ଦର କହେ ହୁକେ ହୋ ।୬।



Digitized by srujanika@gmail.com



ଘୋଡ଼ାଳ ସୂତର ପଡ଼ିଲେ ଠାରା
ଅଠର ମଣ୍ଡିରେ ଲୁଚିଗଲା ।୭।
ଉଠେଇଛି ହୁଡ଼ି ଛିଡ଼ିମୋଡ଼ି
କୋଡ଼ିଏ ଯାଉଛି ପାହାଡ଼ ଚଢ଼ି ।୮।



ଗଣିତ (ମିଶାଣ)

• ହେମନ୍ତ ମହାନ୍ତି
ନିମେଇସାପୁର, ଜୈପୁର

ସୂରୁଜ ଉଠିଲା ଉଇଁ, ପଡ଼େ ବଡ଼ ବଡ଼ ଦୁଇ
ଏକ ଏକ ମିଶି ଦୁଇ ।୧।
ତାକ୍ ଧିନାଧିନ୍ ଧିନ୍, ମାଙ୍କଡ଼ ବଜାଏ ଗିନି
ଦୁଇ ଏକ ମିଶି ତିନି ।୨।

ପାହାଡ଼ିଆ ଝଟା ଜିଆରି, ନାଙ୍ଗାରେ ହୋଇବା ପରି
ତିନି ଏକ ମିଶି ଚାରି ।୩।
ନଡ଼ିଆ ପତର ଚାଞ୍ଚୁ, କୋଇଲା ଚୁଲିରେ ଆଞ୍ଚ
ଚାରି ଏକ ମିଶି ପାଞ୍ଚ ।୪।

Digitized by srujanika@gmail.com

ସାପ ହୁଏ ଫଁଅଁ ଫଁଅଁ, ନାଁଟି ତୁମର କୁହ
ପାଞ୍ଚ ଏକ ମିଶି ଛଅ ।୫।

ସବୁ କାମେ ଲୋଡ଼ା ହାତ, କଷ୍ଟ କଲେ ମିଳେ ଭାତ
ଛଅ ଏକ ମିଶି ସାତ ।୬।

ମଠେ ଯେତେ ମାଟିରୁ ମାଠ, ମୁଁ ସେଥି ଦରପୋଡ଼ା କାଠ
ସାତ ଏକ ମିଶି ଆଠ ।୭।

ତାଳି ମାଡ଼ ସବୁ ଦିଅ, ନାଚ ସହ ଗୀତ ଗାଅ
ଆଠ ଏକ ମିଶି ନଅ ।୮।

ପିଲା ମାନେ ମିଶି ହସ, ଭାରତ ଆମର ଦେଶ।
ନଅ ଏକ ମିଶି ଦଶ ।୯।

ସଂଖ୍ୟାଗୀତ

• ହେମନ୍ତ ମହାନ୍ତି
(ନିମେଇସାପୁର, କେନ୍ଦ୍ରାର)

ଏକ ଚନ୍ଦ୍ର ବିନା ଅନ୍ଧାର ଲାଗଇ
କିସ ଥାଉ ତାରା ଦଳ
ଶହେ ମୂରୁଖରେ କି ଲାଭ ହୋଇବ
ଏକ ଗୁଣୀପୁଅ ଭଲ ।୧।

Digitized by srujanika@gmail.com

ଦୁଇଟି କଳି ଗୋଟିଏ ଡାଳରେ ପଡ଼ଇ ଝଡି
ଦୁଇଟି ଫୁଲରେ ଦୁଇଟି କସି
ଗୋଟିଏ ଡାଳରେ ଉଠଇ ଦୁଲି
ଗୋଟିଏ ରବି ଆରଟି ଶଶୀ
ଆକାଶ ଗାଛରେ ଉଠନ୍ତି ଦୁଲି ।୨।

ତିନି ଦିଅଁ ଆମ ଜଗତ କରତା
ପୃଥିବୀ ଯାକରେ ନାହିଁ
ଆମ ଗାଁ ଠାରୁ ଭଲ ଗାଁ'ଟା କେ
ଜଗତ ଯାକରେ ନାହିଁ ।୩।

ଚାରୋଟି ଗୋଡ଼ ପଶୁର ଥାଏ
କେତୋଟି ଗୋଡ଼ ପକ୍ଷୀର ଥାଏ ।୪।

ପାଞ୍ଚ ଚିଜ ମିଶି ପଞ୍ଚାମୃତ
ଦୁଧ, ଦହି, ଗୁଡ଼, ମହୁ ଓ ଘୃତ ।୫।



ଛଅ ଗୋଡ଼ ବୁଢ଼ିଆଣୀର ଅଛି
ତର ତର ହୋଇ ସୂତା କାଟୁଛି ।୬।

Digitized by srujanika@gmail.com

ସାତ ଦିନେ ହୁଏ ସପ୍ତାହ ଏକ
ତିରିଶି ଦିନରେ ମାସଟି ଲେଖ
ଆଠ ପ୍ରହରେ ଯେ ଦିନଟି ଆଏ ।୭।
ତିନି ଘଡିରେ ଯେ ପ୍ରହର ହୁଏ ।୮।
ସୌର ପରିବାରେ ନଅଟି ଗ୍ରହ
ଚନ୍ଦ୍ର ତାର ହୋଇ ଶ୍ରେଣୀରେ ଗ୍ରହ ।୯।
ଦଶ ମୁଣ୍ଡ ରାଜା ରାବଣଙ୍କର
ମହା ପ୍ରତାପୀ ସେ ଲଙ୍କା ନଗର ।୧୦।

ପୁଷି ବିଲେଇ

• ସୁନନ୍ଦା ସୁନ୍ଦରାୟ

ମିଆଉଁ...... ମିଆଉଁ....... ପୁଷି ବିଲେଇ
ଛାତି ତଳେ ପଶି ମୂଷା ଧରଇ ।୧।
ଶୁଖୁଆ ବାସନା ବାଜିଲେ ନାକେ
ଉଡା ଝାମ୍ପିବାକୁ ତରକି ବସେ ।୨।
ଘର ଘର ବୁଲି ବୁଲିରେ ଶୁଏ
ଚାର ବୁଲି ପୁଷି ବିଲେଇ ସିଏ ।୩।

Digitized by srujanika@gmail.com

ମାଣିକ ରାଜା

ସୁନନ୍ଦା ସୁନ୍ଦରାୟ •

ମେଁ ମେଁକା ମାଣିକ ରାଜା
ଶିଙ୍ଗ ଦୁଇଟି ଗୋଜା ଗୋଜା
ଏକ ଶିଙ୍ଗେ ପର୍ବତ ଟାଳେ
ଦୁଇ ଶିଙ୍ଗେ ମଣିଷ ମାରେ
ପଶୁ ଦେଖିଲେ ମଣ୍ଡା ଗଢ଼େ
ଖଣ୍ଡିଆ କାନ୍ଥ ଉପରେ ଚଢ଼େ
ଗଛର ପତର ଖୁଣ୍ଟି ଖାଏ
ମେଁ ମେଁକା ବୋବାଉ ଥାଏ •

କିଏ କହ?

ଓଡ଼ିଆ ଅନୁବାଦ • ସୁନନ୍ଦା ସୁନ୍ଦରାୟ

ରନ୍ଧା ଘରେ ଦୁଏ ଖଡ଼ ଖଡ଼
ଚିନୁ ଉଠେ ହୋଇ ଧଡ଼ ପଡ଼
ହାଣ୍ଡିଶି ଭିତରୁ ମସଲାଙ୍କ ଗନ୍ଧେ
ଭାଙ୍ଗି ଗଲା ଚିନୁ ମନବଳ ।୧।

Digitized by srujanika@gmail.com

ଛୁଟି ଦେଖେ ଯାଇ ଦ୍ୱାର କୋଣେ
ସବୁ ପ୍ରତିଦ୍ୱନ୍ଦୀ ମନେ ମନେ
ନିଜକୁ ନିଜେ ସେ ବଡ଼ ଭାବୁଥାନ୍ତି
ଅହଂକାର ଥାଏ ସଭିଙ୍କ ମନେ ।୨।

ହଳଦୀ ଖଣ୍ଡିଏ ଯେ ବଡ଼ ଟାଣି
କହେ ମୁହଁ କରି ଫଣା ଫଣି
ଡାଲି ପରିବାର ରଙ୍ଗ ବଦଳାଏ
ଚିଡ଼ା, ତରକାରୀରେ ଆଗଜାଣେ ।୩।

ତୀକ୍ଷ୍ଣ ଭାରି ମୁଁ ରାଗ ପରା
ଛୁଙ୍କ ଦେଲେ କାଶ ବାସଭରା
ଆଖିରେ ବାଜିଲେ ଲୁହ ଝରାଏ ମୁଁ
ଲଙ୍କା ମରିଚ ମୋ ନାମ ପରା ।୪।

ଧନିଆ କହେ ମଝିରେ ଆସି
ଖାଦ୍ୟର ସ୍ୱାଦ ମୁଁ ବଢ଼ାଉଛି

Digitized by srujanika@gmail.com

ସଭିଙ୍କ କାମରେ ଲାଗିଯାଏ ମୁହିଁ
ମଞ୍ଜିରେ ମୋହର ବାସ ଅଛି ।୪।

ଡାଲଚିନି, ମରିଚ, ଗୁଜୁରାତି
ତେଜପତ୍ର ଅଳେଇଚ ସାଥୀ

ସବୁଠାରୁ ବାସ କରୁ ପରା ଆମେ
ଗରମ ମସଲା ଆମ ଜାତି ।୫।

ଜୀରା, ମେଥି ହୋଇଗଲେ ଏକ
କହିଲେ ଆମର ରୂପ ଦେଖ

ଭାବିଲେ ସୁନ୍ଦର ନ ହେଲେ ବି ଆମେ
ଆଚାରର ବଢ଼ାଉଛୁ ଟେକ ।୬।



କଇଁଆ ଧାଇଁଲା ଆଗ ହୋଇ
କହିଲା ମୋ ଭଳି ଖାଦ୍ୟ ନାହିଁ
ଡାଲି ତରକାରୀ ସୁଆଦ ବଢ଼ାଏ
ଟୁନା ମୁନାଙ୍କର ମନ ମୋହି ।୭।

Digitized by srujanika@gmail.com

ଲୁଣ ଆସିଗଲା ନିଶ ମୋଡ଼ି
କାହିଁକି ଏମିତି କର ରଡ଼ି
ମୁହିଁ ରସ ରାଜ ସୁଆଦ ବଢ଼ାଏ
ମୋ ବିନା ତିଅଣ ଯାଏ ପୋଡ଼ି ।୯।

ଚିନୁ ଶୁଣୁଥାଏ ସବୁ କଥା
ବଢ଼ୁଥାଏ ତା'ର ମନ ଚିନ୍ତା
ସତରେ କିଏ ସେ ବଡ଼ କେବା ସାନ
ଛୁଟିଗଲା ବୋଉର ଡାକଟା ।୧୦।

ସବୁ ଭାଗିଦାର କାଳି ଛୁଟି
ରହିଲେ ହାଣ୍ଡି ଭିତରେ ପଡ଼ି
ରୋଷେଇରେ ମଧ୍ୟ ଏକତା ଦରକାର
ଚିନୁ ହସୁଥିଲା କିରି କିରି ।୧୧।



Digitized by srujanika@gmail.com

ଅଜାବୁଢ଼ା ଆମ ଅଜାବୁଢ଼ା

• ଝୁଲଣା ସ୍ୱାଇଁ
ମଣିଆ, ଗୈଦ୍ୱାର

ଅଜାବୁଢ଼ା ଆମ ଅଜା ବୁଢ଼ା
ଚମ ଧୁଡୁ ଧୁଡୁ ଦେହ ଖୁଡୁ ଖୁଡୁ
ସବୁ ଭଲ କାମେ ଆଗ ବଢ଼ା
ଅଜା ବୁଢ଼ା ଆମ ଅଜାବୁଢ଼ା ।୧।
ଦେଖାଉଥିବ ପରି ଆଗେ ଛୁଡ଼ା
କାନ୍ଧେ ଝୁଲୁ ଥାଏ ଝୁଲାମୁଣି ଟିଏ
ନାନା ଦରକରେ ସିଏ ଭରା ।୨।

ଦେଖିବାକୁ ସିନା ଛାତି ଗେଡ଼ା
କାମ କରିବାରେ ବିଜୁଳି ଟିଏ ସେ
କଥା କହନ୍ତି ସେ ଖୋଡ଼ା ଖୋଡ଼ା ।୩।

ଅଣ୍ଟାରେ ଗାମୁଛା ଥାଏ ଗୁଡ଼ା
ମୁହେଁ ରହିଥାଏ ଧଳା ଧଳା ଦାଢ଼ି
ମୁଣ୍ଡରେ ପଗଡ଼ି ଥାଏ ଭିଡ଼ା ।୪।
ଅଜା ବୁଢ଼ା ଆମ ଅଜାବୁଢ଼ା
ଦେଖିବାକୁ ସିନା ପୁରୁଣା କାଳିଆ

ଗଦାଗଦା ବହିକରେ ପଢ଼ା ।୪।

କଥାରେ କଥାରେ ହସ ହସ
ଗୀତ ଗାଉଥାନ୍ତି ରସ ରସିଆ
ସବୁ ପିଲା ତାଙ୍କ ପାଖେ ଜୁଟି ।୨।
ଅଜା ବୁଢ଼ା ଆମ ଅଜା ବୁଢ଼ା ....

ଆମରି ଗାଁ'ର ନଟେଇ

• ଅଜୟ କୁମାର ପାତ୍ର, ଲୈଦ୍ୱାର

ଆମରି ଗାଁ'ର ନଟେଇ
ତା' ସାଥି ପିଲାଙ୍କୁ ଦେଲା ମଟେଇ
ମାଙ୍କଡ଼କୁ ଦେଲେ ଖଟେଇ
ଦି ଗୁପୁଡ଼ା ଲେଖାଁ ମାଉଲା ମାଙ୍କଡ ଘରବାଟ ଦେଲା ବଟେଇ
ଆମରି ଗାଁ'ର ନଟେଇ ।୧।

ଅଜାଙ୍କ ପାଖକୁ ଧାଇଁଲେ
ଗୋଟି ଗୋଟି ସବୁ କହିଲେ
ଅଜା ବୁଢ଼ା ଟିକେ ରାଗିଯିଆ

କହିଲେ କାହର ହୁଅନାହିଁ ପିଲେ ମାଡମାରି ଦେବା ଚଟେଇ
ଆମରି ଗାଁ'ର ନଟେଇ ।୨।

Digitized by srujanika@gmail.com

ପିଲାଏ ହେଲେ ଦଳ ଦଳ
ଠୁଳ ହେଲେ ଆସି ଗଛ ମୂଳ
ହାତେ ଗୋଟି ଗୋଟି ଢୁଙ୍ଗ ଧରି

ଆଗକରି ଗୋଟେ ଡେଙ୍ଗୁଆ ପିଙ୍ଗିଲା ନିଡ଼ିଆର ଛାଡ଼ି ଗଛେଇ
ଆମରି ଗାଁର ନିତେଇ ।୩।

ମାଙ୍କଡ଼ ଚଳନ୍ତୁ ଦେଲେ ଡିଆଁ
ପିଲାଏ ଦଉଡ଼ିଲେ ଘରମୁହାଁ
ଅଜା ହୋଇଗଲେ ଏକୁଟିଆ

ମାଙ୍କଡ଼ ମାରିଲା ସରୁ ଚଟକଣା ନାକ ଦଣ୍ଡ ଦେଲା ଫଟେଇ
ଆମରି ଗାଁର ନିତେଇ ।୪।

ମନ ଦୁଃଖେ ଅଜା ଫେରିଲେ
ପୋଖରୀ କୂଳରେ ବସିଲେ
ନିତେଇକୁ ଦେଖି ରାଗରେ ଚିହିଁକି! କହିଲେ ଅଜା
ମତେ ଯାହାଦେଲ ଭୁତେଇ
ଆମରି ଗାଁ'ର ନିତେଇ ।୫।

Digitized by srujanika@gmail.com

ଗମ୍ଭା ପୂନେଇଁ

• ଅଭୟ ଷଡ଼ଙ୍ଗୀ, ଭେଦ୍ୱାର

ଗମ୍ଭା ପୂନେଇଁରେ ଗମ୍ଭା ପୂନେଇଁ
ଆସିଛୁ ଆଜିତୁ ମୁହଁ ଦେଖେଇ ।୧।
ବର୍ଷକେ ଥରେ ତୋ ଆଗମନ
ଦେଖିବାକୁ ତୋତେ ମନ ଉଚ୍ଛନ ।୨।

ଧରିଛୁ ଆଜିତୁ କି ନୂଆ ବେଶ
ଆଜି ଶ୍ରାବଣ ଶେଷ ଦିବସ ।୩।
ପିଲାମାନେ ଆଜି ହୋଇଣ ମେଳି
ଦିନ କଟାଇବେ ମଣ୍ଡାରେ ଖେଳି ।୪।
ବାପା ଅଜାଙ୍କର ପରବ ଏହି
ପାଳିବୁ ଯେତେକ ଭଉଣୀ ଭାଇ ।୫।

ପତ୍ର ଫୁଲ ଆଣି ଯତନ କରି
ଘର ସଜାଇବୁ ଭଲିକି ଭଲି ।୬।
ପିଠା ପଣା ହେବ ଜାତିକି ଜାତି
ଖାଇବୁ ସଭିଏଁ ଆନନ୍ଦେ ମାତି ।୭।

Digitized by srujanika@gmail.com

ନାଗରା ବଜାଇ ନାଚ କରିବୁ
ନାଚି ନାଚି ରାତି ପୁହାଇ ଦେବୁ ।୮।
ମଙ୍ଗଳା ଆମର ଗ୍ରାମ ଦେବତୀ
ପୂଜିବୁ ତାହାଙ୍କୁ କରି ଭକତି ।୯।
ସବୁ ଦୁଃଖ ଶୋକ କରିବେ ଦୂର
ଛୋଟ ପୁଅ ଝିଅ ଆମେ ତାଙ୍କର ।୧୦।

ମନରେ ଆମର ନ ରଖି ଖେଦ
ଭୁଲି ଯିବୁ ଆମେ ସକଳ ଭେଦ ।୧୧।
ଗ୍ରାମ ବାସୀ ଆମେ ସରଳ ମତୀ
ଆମକୁ ଠାକୁରେ ଦିଅ ସୁମତୀ ।୧୨।

ବୃକ୍ଷ ରୋପିବା ଦାହାଯାଳଂ

• ମଳୟ ଷଡ଼ଙ୍ଗୀ
ଶୈହ୍ବାର

ଖାଞ୍ଜି ଖରାଟାରେ ବୁଢ଼ାଟିଏ ବସି
ଗୋଟି ଗୋଟି କରି ଖୋଳିଲା ଗାତ
ଥକି ପଡ଼ିବାରୁ ବିଶ୍ରାମ ପାଇଁ
ଗଛ ମୂଳ ପାଶେ ଆସିଲା ସେତ ।୧।

ମୁଣ୍ଡ ବାଳ ତାର ଧୋବ ଫରଫର
ବୟସ ହଉଛି ହେବକି ଅଶୀ
ବାଟ ମୁହଁଟାରେ ପଥିକଟି ଥାଇ
ଦେଖୁଥାଏ ବୁଢ଼ା କାମକୁ ବସି ।୨।

କହିଲା ପଥିକ ସରଳେ ବୁଢ଼ାକୁ
ଜମିରେ ଖୋଳୁଛ କାହିଁକି ଗାତ
ଏତେ ଖଟିବାକୁ ଏଇ ବୟସରେ
ଦେହରେ ତୁମର ଶକ୍ତି ଅଛି ତ ।୩।

କହିଲା ବୁଢାଟି ଆଜି ପରିଯନ୍ତେ
ପଡିଆ ଥିଲା ଏ ଜମିଟି ମୋର
ଏବିକି ଭାବୁଛି ଫଳଗଛ ପୋତି
କରିବି ଉଠିଆ ଜମି ଏଥର ।୪।



Digitized by srujanika@gmail.com

ଗଛର ପାଚିଲା ଫଳ ସମ ତୁମେ
କାଲି କିବା ଆଜି ପଡ଼ିବ ଖସି
ଆଶା ରଖିଅଛୁ ଫଳ ଖାଇବାକୁ
କହିଲା ବାଟୋଇ ବିନୟେ ହସି ।୪।

କହିଲା ବୁଢ଼ାଟି ଫଳଗଛୁ ଯେତେ
ଅଜା ଅମଳରୁ ରହି ଆସିଛି
କାହୁଁ କାଳେ ସିଏ କହିବିକି ବାବୁ
କିଏ ଆଜି ତାକୁ ଭୋଗ କରୁଛି ।୫।

ଲଗାଇଲା ବେଳେ ଭାବି ନ ଥିଲେ ସେ
କେବଳ ଆପଣା ଭୋଗ ପାଇଁକି
ଗଛ ଲଗାଇଲେ ନିଜର ସହିତ
ଦେଶର ମଙ୍ଗଳ ହେବ ନାହିଁକି ।୬।

Digitized by srujanika@gmail.com

ବାଜି ରାଉତ

(ସଂଗୃହିତ)

ମମତା ଦାସ୍
ଚୁମୁଡୁମା

ବାର ବରଷର ପୁଅଟିଏ ସେ ନାଆଁଟି ତାର ବାଜି,
ଚଳାଏ ନାଆ ବଡ଼ ସାହାସେ ନାଉରି ବେଶ ସାଜି ।
ମୁହଁଟି ତାର କେଡେ ସୁନ୍ଦର ସଜ ଫୁଲଟି ପରି,
ହସି ହସିକା ଚଳାଏ ଡଙ୍ଗା ହାତରେ କାତ ଧରି ।
ରାତି ଅଧରେ ରାଜା ଫଉଜ ଆସିଲେ ଦିନେ ଧାଇଁ,
ରାଇଜ ସାକ ପରଜାଙ୍କର ମେଳି ଭାଙ୍ଗିବା ପାଇଁ ।

ନଈ କୂଳରେ ପହଞ୍ଚିଗଲେ ଦେହ ଜଳଇ ରାଗେ,
ଡାକିଲେ ଆରେ ନାଉରି ଟୋକା ପାରି କରିଦେ ବେଗେ ।
ନଈ କୂଳରେ ଥାଇ ବାଜିଆ କହିଲା ନାହିଁ ନାହିଁ,
'ଆମରି ମେଳି ଭାଙ୍ଗିବା ପାଇଁ ଆସିଛ ପରା ଧାଇଁ ।
ବୟସ ତାର ଅଳପ ସିନା କାଅଁଳ ଦିଶେ ଛବି,
ମନରେ ତାର ସାହାସ ଭାରି ନଗଲା ଟିକେ ଦବି ।



ରାଜା ଫଉଜ ଶୁଣି ତା କଥା ରାଗରେ ଜର ଜର,
କହିଲେ ତାକୁ ଏକା ଗୁଳିକେ ପରାଣ ନେବୁ ତୋର ।

Digitized by srujanika@gmail.com

ବାଜିଆ କହେ ମରଣ ଲାଗି ନାହିଁ ମୋ ଟିକେ ଡର,
କାରଣ ମୋର ଜାତି ଭାଇର ଫେରିଜା ତୁମେ ଘେର ।
ସହି ନ ପାରି ଫଉଜ ରାଗେ ମାରିଲେ ତାଙ୍କୁ ଗୁଳି,
ରାତି ଅଧରେ ନଈ କୂଳରେ ପଡ଼ିଲା ବାଜି ଢଳି ।





ସବୁ ଦିନକୁ ମୁହଁଟି ତାର ଲୁଚି ଯାଉଛି ସିନା,
ଦେଶଟା ସାରା ନାଆଁରେ ତାର ଉଡୁଛି ଆଜିବାନା ।

ଆମେ ତୁଲି ତୁଲି ତାଳି ମାରିବା

ଡ୍ରିଲ୍‌ଗୀତ

• ସୁନନ୍ଦା ସୁନ୍ଦରାୟ

ଆମେ ତୁଲି ତୁଲି ତାଳି ମାରିବା
ବସି ଉଠି ଦୁଲି ଦୁଲି
ମିଳି ମିଶି ଖେଳିବା (୦)

ଫୁଟିଲେ। ଝୁମ୍ପୁ ଯା...... ଗହିର ବିଲରେ ଲୁଚିଯା
ଓଳାଇ ଦିଅଲୋ ସ୍କୁଲ ଘରଟା
ପାଠ ପଢା ବେଳ ଆସିଲା (୧)
ଆମେ ତୁଲି ତୁଲି............

Digitized by srujanika@gmail.com

ଠିଆ ପୁଚି ନାରଙ୍ଗ ଗୋଡ଼ ଦିଅଟି ସାରଙ୍ଗ
ସାରଙ୍ଗ ବାରିକି ଯାଇଥିଲି
ନାରଙ୍ଗ ଦିପୁଞ୍ଜି ଆଣିଥିଲି
ଅଧେ କାଲି କଂଚା ଅଧେ କାଲି ଭଜା
ତୋ ଭଉଣୀ ରାଣୀ ହେଲେ ମୋ ଭାଇଟି ରାଜା
ଆମେ ବୁଲି ବୁଲି .... (୨)

ବୁଢ଼ା ମଉସା ବୁଢ଼ା ମଉସା
ଖଜା ସରିଗଲା ଦିଅ ପଇସା
ମଉନ ମୁହଁରେ କାହିଁକି ବସିଛ
ମାଉସୀର ଘର ସାବିତ୍ରୀ ଓସା (୩)

ଧାଡ଼ି ଧାଡ଼ି ହୋଇ ଚାଲିବା
ବସି ଉଠି ଦୁଲି ଦୁଲି
ମିଳି ମିଶି ଖେଳିବା
ଆମେ ବୁଲି ବୁଲି

Digitized by srujanika@gmail.com

କାହାପାଇଁ କିଏ

ଭାରତୀ ମହାପାତ୍ର

ନମସ୍କାର ଜେନ ମିଷ୍ଟର,
ଗ୍ରହଣ କରିବ ଲେଟର ।

ଡାକ୍ତରଖାନାରେ ଡାକ୍ତର,
ରାସ୍ତାରେ ଦେଖ ମୋଟର ।

ବିଦ୍ୟାଳୟେ ପୂଜ୍ୟ ମାଷ୍ଟର,
ଆକାଶରେ ହେଲିକପ୍ଟର ।

କେତେ କରାମତି ନୋଟର,
ରୋଷେଇ ପାଇଁ ହିଟର ।

ବସରେ ଦେଖ କଣ୍ଡକ୍ଟର,
ଏ ଯୁଗକୁ ହେଲା ଟାଞ୍ଜିଷ୍ଟର ।

ଛାଣିବା ପାଇଁ ଫିଲ୍ଟର,
ଓକିଲାତି କରେ ବାରିଷ୍ଟର ।



ତଦନ୍ତେ ଇନିସପେକ୍ଟର,
ଶୀତଋତୁ ପାଇଁ ସ୍ୱେଟର ।



କ୍ଲାସ ରୁମରେ ମନିଟର,
ପୂଜା ଛୁଟିକୁ ହୋଷ୍ଟର ।

ହିସାବ କରେ କମ୍ପ୍ୟୁଟର,
ମାପରେ ଗଣେ ମିଟର ।



କଳାପଟା ପାଇଁ ଡଷ୍ଟର,
ହାଟବଜାରରେ ଟମାଟର ।

ଜାତରା ଆଉ ଥିଏଟର,
ସିନେମାରେ ଦେଖ ଆକ୍ଟର ।

ଦେଶ ଚଳାଏ ମିନିଷ୍ଟର,
ଜିଲ୍ଲାକୁ ପାଳେ କଲେକ୍ଟର ।

Digitized by srujanika@gmail.com



ଚଷ ପାଇଁକି ଟ୍ରାକ୍ଟର, ଟିକେଟ ପାଇଁ କାଉଣ୍ଟର,

ଭୋଟ ଦିଅନ୍ତି ଭୋଟର । ସେବାକରେ ନର୍ସ ସିଷ୍ଟର ।

ଗାଁ ନଗରରେ ଡାକ୍ତର, ଭଙ୍ଗା ହାଡକୁ ପ୍ଲାଷ୍ଟର,

ଶାର୍ଟ ପାଇଁ ଭଲ ପଲିଷ୍ଟର । ଜ୍ୱରପାଇଁ ଥର୍ମୋମିଟର ।



ଫେସନ୍ ହେଲାଣି ସ୍କୁଟର, ସନ୍ ସାଇନ୍ ବ୍ରାଇଟର,



ଇଲେକଟ୍ରି କାମକୁ ଟେଷ୍ଟର । ବିଦାୟ ନେଉଛି ରାଇଟର ।

●

ପାଠ ପଢ଼ିବା

• ଏଭା ନାହାଣା
ଡେଲାଙ୍ଗ

ହାତ ଧରିବା ଆମେ ହାତ ଧରିବା
ଭେଦ ଭାବ ଭୁଲିଯାଇ ପାଠ ପଢ଼ିବା
କ'ଣ...ପଢ଼ିବା........

ଦୁଇକେ ଦୁଇ
ଉଠ ମୋ ଭାଇ ଭଉଣୀ ରାତିଗଲା ପାହି

ଦୁଇ ଦୁଗୁଣେ ଚାରି
ଆସରେ ଆମେ ପଢ଼ିବା ପାଠ ସିଲଟ ଖଡି ଧରି

Digitized by srujanika@gmail.com

ସକାଳ ସୂରୁଜ ପରି ହୋଇବା
ମଧୁର କଥାରେ ମନ ମୋହିବା
ଧରିତା ହାତ   ଆସଗୋ ମିତ
ମନ ଆନନ୍ଦରେ ଗାଇବା ଗୀତ
କଣ ଗାଇବା……



ତୁହିମା ଜନମ ଭୂମି   ପବିତ୍ର ଭାରତ ଭୂମି
ତୋହରି ସନ୍ତାନ ଆମେ ଅଟୁ ସହବେ
ତୋର ଶ୍ରୀଚରଣେ ସେବା ପାଇଁ ମନପ୍ରାଣଦେବା
ଗାଇବା ତୋହର ନାମ ଆନନ୍ଦ ହବେ
ତୋ ଆନନ୍ଦେ ହୋଇବା ସୁଖୀ
ଗାଇବା ଦୁଃଖରେ ତୋର ହୋଇଣ ଦୁଃଖୀ

ଆମେ ଗଢ଼ିବା ନୂଆ ଜୀବନ
ଦେଶ ପାଇଁ ଆମେ ଦେବା ଜୀବନ
ଦୁର୍ବଳ ନୋହି ଆଗୁଆ ହେବା
ନୂଆ ଦୁନିଆଁକୁ ଗଢ଼ି ତୋଳିବା

Digitized by srujanika@gmail.com

କଣ କରିବା........ ଆମେତ ଶିଳ୍ପୀ ଆମେତ
ଆମେତ ଶିଳ୍ପୀ ଆମେ ଶ୍ରମିକ
ଆମେତ କାରିଗର
ଜାତି ପ୍ରାଚୀର ଭାଙ୍ଗିଦେଇ ତାକୁ
ଗଢ଼ିବା କରି ସୁନ୍ଦର ●

ଆମ କୁନା

ମଳୟ ଷଡ଼ଙ୍ଗୀ ଓ
ରବି ନାରାୟଣ ଦାଶ
·ଭୈରବ·

ଛୋଟ କୁନାର ଜନମ ଦିନେ
ପରିବାର ଲୋକ ବସି
ଦୁସ ଖୁସିରେ କଟାଇ ଦେଲେ
ସଭିଏଁ ମିଳି ମିଶି ॥୧॥

ପିଲାଟି ପ୍ରତି ଯତନ କଥା
ସଭିଏଁ ଗଲେ ଭୁଲି
ଧୀରେ ଧୀରେ ସେ ଦୁର୍ବଳ ହେଲା
ରୋଗ ଦେହରେ ପଶି ॥୨॥

Digitized by srujanika@gmail.com

କୁନାର ଦେହ ଭଲ ନ ଦେଖି
ମା' ତାହାର ଚହେଁ

ସାହି ପଡ଼ିଶା ଲୋକଙ୍କ ପାଶେ
କୁନାର କଥା କହେ ।୩।

ପଡୋଶୀ ତାଙ୍କୁ କୁହନ୍ତି ଦିଏ
ଯତନ ଅଭାବରେ
କୁନାକୁ ତୁମ ଲଦୃଶା ବାଗି
ଧରିଛି ଜାଣ ମନେ ।୪।

ଚଥିଲ ଯାଅ ବଇଦ ପାଶେ
ନେଇ ତୁମ କୁନାକୁ
ରୋଗ ତାହାରୁ ବଁଧି ଯିବ ସେ
ଦିଛି ଆମ ସହିଙ୍କୁ ।୫।

ବାଗି ବାଗି ଏବେ କୁନାର ଦେହ
ଖିଣ ହେଲାଣି ସତ
ବାଗି ରୋଗରୁ ବଡ ରୋଗଟି
ହୋଇବ ମନେ ଭୟ ।୬।

Digitized by srujanika@gmail.com

କୁନାର ମାଆ ଏକଥା ଶୁଣି
ବଇଦ ପାଖେ ଗଲେ
ବଇଦ ତାଙ୍କୁ ଔଷଧ ଦେଇ
ବୁଝାଇ କହି ଦେଲେ ।୭।

କୁନା ତୁମର ହୋଇବ ଭଲ
କରନା ମନ ଦୁଃଖ
ଏବେ ଠାରୁ ତୁମ କୁନାର ପ୍ରତି
ଭଲ ଯତନ ରଖ ।୮।

ମା' ଯତନେ ଔଷଧ ଖାଇ
କୁନା ହୋଇଲା ଭଲ
ସବୁ ମା' ଏବେ ପିଲାଙ୍କ ପ୍ରତି
ଏପରି ଯତ୍ନ କର ।୯।

ଗୋଲ

ଶିଶୁ କବିତା

ଲକ୍ଷ୍ମୀପ୍ରିୟା ଦାସ୍
ଡେଲାଙ୍ଗ

ଗୋଲ୍ ଗୋଲ୍ ଗୋଲ୍
କେଉଁ ଜିନିଷ ଗୋଲ୍
ଭାବି ଭାବିକା ତୁମେ ସେ ସବୁ
ଟିକେ ଟିକେ ବୋଲ୍ (୦)

ପୂରୁବେ ଯଦି ଉଏଁ ନାଲି ସୂରୁଜ ଗୋଲ୍
ଆସଇ ଯଦି ପୁନେଇଁ ଚାନ୍ଦ ଅଟଇ ସିଏ ଗୋଲ୍ (୧)
ପଡିଆ ଘେରେ ଫୁଟବଲ୍‌କୁ ଗଡେଇ ଦେଲେ ଗୋଲ୍
ମା' ହାତରେ ଗୋଲିଆ ଚୁଡି ଦିଶଇ କେଡେ ଭଲ (୨)

ଆମ୍ବୁରି ଗୋଲ ରସଗୋଲା ଯେ ବଢିବ ତୁଣ୍ଡେ ଲାଳ
ପାସୋରି ଦେଇ ମନରୁ ତାକୁ ପାଠରେ ଦିଅ ଡୋଳ (୩)
ବୋତଲ ମୁହଁ ଗ୍ଲାସ ମୁହଁ ଅଟଇ ପୁଣି ଗୋଲ୍
ଆଖି ଡୁଳାର କଳାଟ ପୁଣି ଶଗଡ ଚକ ଗୋଲ୍ (୪)
ନୀଳ ଚକର ସାଥିକୁ ପୁଣି ରଥର ଚକ ଗୋଲ୍
ସବୁଠୁ ପୁଣି ଜଗନ୍ନାଥଙ୍କ ଆଖି ଦୁଇଟି ଗୋଲ (୫)



Digitized by srujanika@gmail.com

କୋଇଲି କହିଲା କୁ

• ଗୀତାରାଣୀ ନାୟକ
(ଘୋରଡ଼ିଆ, ଡେଲାଙ୍ଗ)

କୋଇଲି କହିଲା କୁ ପବନ କହିଲା ସୁ
ପାଠୁଆ କହିଲା ପଢ଼ିବି ପାଠଲୋ
ମୂରୁଖ କହିଲା ଥୁ (୧)

ଚୁଆଟି କହିଲା ମା କାଉଟି କହିଲା କା
କିଏହେ ଆସିଛୁ କାହିଁକି ଯା ଲୋ
ଆଠାର ମୁଣ୍ଡିଏ ଖା (୨)

କୁକୁର କହିଲା ଭୋ ବିଲୁଆ କହିଲା ହୁ
ଅପା ବାହାଘର ରୋଷଣୀ ହେବଲୋ
ବାଣଟା ଫୁଟିଲା ଢୋ (୩)

ଶଗଡ କହିଲା କେଁ ମାଙ୍କଡ ଖେଙ୍କିଲା ଖେଁ
ଶଙ୍ଖ ବିଲେଇଟି ରାତିରେ ଆସେଲୋ
ମୂଷାଏ କହିଲେ ଚେଁ (୪)

ସାପଟି କହିଲା ଫଁ ମଟର କହିଲା ଭଁ
ଶିକାରୀ ମାରିଲା ଗୁଳିରୁ ଗୋଟେଲୋ
ବାଘଟି କହିଲା ଗଁ ।୫।

Digitized by srujanika@gmail.com

ଯୁକ୍ତାକ୍ଷର ଗୀତ

କୃଷ୍ଣଚନ୍ଦ୍ର ନାୟକ
ପତାପୋଲ, ପୁରୀ.
ଦେଲାଙ୍ଗ

ଙ + କ = ଙ୍କ   କରିବା ଆସ ଅଙ୍କ
ଙ + ଖ = ଙ୍ଖ   ବାଜେ ବ୍ରାହ୍ମଣର ଶଙ୍ଖ
ଙ + ଗ = ଙ୍ଗ   ସାରୁଗଛ ମୂଳେ ବେଙ୍ଗ
ଙ + ଘ = ଙ୍ଘ   ଗ୍ରାମ ମହିଳା ସଙ୍ଘ
ଞ + ଚ = ଞ୍ଚ   ଅଳପ ପଇସା ସଞ୍ଚ
ଞ + ଛ = ଞ୍ଛ   ପଡିଆରୁ ଘାସ ଉଞ୍ଛ
ଞ + ଜ = ଞ୍ଜ   ପାଳିଆ ବଜାନ୍ତି ଝାଞ୍ଜ
ଞ + ଝ = ଞ୍ଝ   ମାଙ୍କଡ ପଞ୍ଝାଙ୍କ ଲାଞ୍ଝ
ଣ + ଟ = ଣ୍ଟ   ଲମ୍ବା ବଗ ଥଣ୍ଟ



ଣ + ଠ = ଣ୍ଠ   ମଧୁର କୋଇଲି କଣ୍ଠ

ଣ + ଡ = ଣ୍ଡ   ଗହଳି ବଡ ଦାଣ୍ଡ
ଣ + ଢ = ଣ୍ଢ   ହାତୀର ଲମ୍ବା ଶୁଣ୍ଢ
ନ + ତ = ନ୍ତ   ସର୍ପ ବିଷ ଦାନ୍ତ, ନ + ଥ = ନ୍ଥ   ଟାଙ୍କିର ଉଚ୍ଚା କାନ୍ଥ
ନ + ଦ = ନ୍ଦ   ଉପଗ୍ରହ ଅଟେ ଚନ୍ଦ
ନ + ଧ = ନ୍ଧ   ସଅଳ ସଅଳ ରାନ୍ଧ

Digitized by srujanika@gmail.com

ସ + ପ = ସ୍ପ   ଗାତରେ ରହେ ତସ୍ପ

ସ + ଫ = ସ୍ଫ   ଗରମ ପାଣିର ବାସ୍ଫ

ସ + ଵ = ସ୍ୱ   ସ୍ୱାଦିଆ ମିଠା ଆସ୍ୱ

ସ + ଭ = ସ୍ଭ   ଭାଙ୍ଗିବ ତୁମର ଦସ୍ଭ

ଆମେସବୁ ଫୁଲ କଳି

ଗାୟତ୍ରୀବାଳା ନାୟକ
ଭେଲୀଗ

ଆମେ ସବୁ ବଗିଚାର ଟିକି ଟିକି କଳିକା
ନାଲି, ଧଳା, ହଳଦିଆ, ନୀଳ, ଭଳି ଭଳିକା
ଚମ୍ପା, କୃଷ୍ଣଚୂଡା, ମଲ୍ଲୀ, କନିଅର, ସେବତୀ
ରଜନୀଗନ୍ଧା, ମାଧବୀ ଯୁଈ ଯାଈ ମାଳତୀ



ଆକାରରେ ଛୋଟ ସିନା ଛୋଟ ନୁହେଁ ମନଟି
ଏ ଦେଶ ଜାତିର ଆମେ ଅଟୁ ବଡ ଧନଟି
ଆମେ କାଲି ନିଜ ଗୁଣେ ଫୁଲ ହୋଇ ଫୁଟିବୁ
ଏ ମାଟିର ହିତ ପାଇଁ ବର୍ଷପରି ଲୋଟିବୁ
କେତେ କେତେ ଭଲଗୁଣେ ଭରାଏ ଜଗତ
ବାଣ୍ଟିନେଲେ ଆମେ ସିନା ହେବା ଦିନେ ମହତ

●

Digitized by srujanika@gmail.com

ଗଛ ଉପକାରୀ

ମୀନୁଲତା ମହାନ୍ତି
(ବେଲୀଗ)

ବାଟ କଡରେ ଆମ୍ବଗଛଟି
ଲଗାଇ ଥିଲେ ଅଜା।
ତାହାରି ଯୋଗୁଁ ଆମେରେ ସବୁ
ମାରୁଛୁଁ ଖିନା ମଜା (୧)

ଚୁତ ପରିଟା ମେଲିଛି ଡାଳ
ସୁନ୍ଦର କେତେ ଦିଶେ
ଫଗୁଣ ମାସ ହୋଇଲେ ସେତ
ବଉଳ ଧରି ହସେ (୨)

ଚିନି ପରିକା ଲାଗଇ ମିଠା
ପାଚିଲେ ତାର ଫଳ
କଷି, ଆମ୍ବରେ ଗରଧା ବଳେ
ପାଟିରୁ ବହେ ଲାଳ (୩)

ବଇଶାଖର ତାତିରୁ ଅଟି
ଶୀତଳ ତାର ଛାଇର
ବସିଲେ ଟିକେ ଲାଗଇ ନିଦ
ସୁଖରେ ଯାଉ ଶୋଇ (୪)

Digitized by srujanika@gmail.com

କାଟିବୁ ନାହିଁ ତାହାକୁ କେବେ
ଅଟି ସେ ଆପଣାର
ଲତାଗଛକୁ ରୋଇବୁ ଚାରୁ
ନ କରି ଅନାଦର (୪)



ଟିଙ୍କି ଚଢ଼େଇ

ଅଞ୍ଜଳି ରଥ
(ଢ଼େଲୀଗ)

ଡେଙ୍ଗା ତାଳଗଛ ବାହୁଙ୍ଗା ଆଗରେ
ଟିଙ୍କି ଟିଙ୍କି କା'ର ଘର
ଝୁଲୁ ଝୁଲୁ ବାଆ ବହିବା ମାତ୍ରକେ
ଦୋହଲୁଛ ମନୋହର ।୧।

କେତେ କେତେ ଘର ଦେଖୁଛି ମୋ ଆଖି
କାହିଁ କେଉଁଠାରେ ଭାଇ
ଏପରି ସୁନ୍ଦର କାଠିକୁଟା ଘର
କେହି କେବେ କରିନାହିଁ ।୨।

ନାହିଁ ହାତ ତାର ନାହିଁ ହତିଆର
ନାହିଁ କେହି ତା ସହାୟ

Digitized by srujanika@gmail.com

ଦୁଇଗୋଡ଼ ଆଉ ଥଣ୍ଟିଟି ଖାଲି
କାର୍ଯ୍ୟପରେ ତାର ଲକ୍ଷ୍ୟ ।୩।
ପଥର ଘରକୁ ଡରୁଅଛି ଭାଇ
ତା' ଘରକୁ ଡର ନାହିଁ
ଜୀବନ ଯାତ୍ରାର ସଂଗ୍ରାମ ଭିତରେ
ଟିକେ ଅବହେଳା ନାହିଁ ।୪।

ଖୋଜି ଖୋଜି ସେହି ଖାଦ୍ୟ ପାଉଗଲେ
ଆସେ ଛୁଆ ପାଖେ ଫେରି
ପ୍ରଚଣ୍ଡ ଝଡ଼ାରେ ନିଡ଼ର ଭିତରେ
ଥାଏ ତାର ଛୁଆ ଧରି ।୫।

ଗଢ଼ିଅଛି ଏହି ସଂସାର ଭିତରେ
ଏହି ପରି ପକ୍ଷୀ ସିଏ
ତାର ପାଦତଳେ ପ୍ରଣତି ଢାଳୁଛି
କି ମହାନ ଅଟେ ସିଏ ।୬।

Digitized by srujanika@gmail.com

ବସନ୍ତ ଋତୁ

• ପବିତ୍ରା ସାମନ୍ତରାୟ
ଡେଲାଙ୍ଗ

ସରିଲା ଫଗୁଣ ଦୋଳ ଯାତରା
ଏଥରକ ଟାଣ ହୋଇବ ଖରା
ଚଇତେ ଶୁଖିଲା ନଈରୁ ପାଣି
ପିଲାଏ ପଂକରୁ ଗଡିଶା ଚୁଣି
ସାଂଗ ମେଳେ ଗଲେ ଭୋଜିରେ ମାତି

ଆମ୍ବ ତୋଟା ତଳେ ନାହିଁରେ ତାତି
ଗଲାମରି ହୋଲି ଅବିର ଖେଳ
ସରିଗଲା ଛୁଟି ଦିନ ଏଥର
ସୁଲୁ ସୁଲୁ ବାଆ କଅଁଳ ଖରା
ଏଥରକ ଆଉ ନ ଦେବ ଧରା
ସୁରୁଜ ମାରିବ ଅଗନି ବାଣ
ମୁଣ୍ଡ ଉପରେ ଛାଇ ଛତାଟି ଟାଣ

ଫୁଟିଯାଇ ମଲ୍ଲୀ ଆଉ ମାଳତୀ
ସହି ବଇଶାଖ ନିଷ୍ଠୁର ତାତି
ବିତରିଲେ ତାଙ୍କ ମଧୁର ବାସ
ଦେବ ଫର ଫର ମୁହଁରେ ହସ

Digitized by srujanika@gmail.com

ଏଥର ଆକାଶେ ବଉଦ ଭେଲା
ଭାସି ଯାଉଛନ୍ତି ମେଳାକୁ ମେଳା
ଝର ଝର ବର୍ଷେ ଦେହରୁ ଝାଳ
କିପରି ସରିବ ଏ ଖରା କାଳ

କେଁ କେଁ କେଁ କେଁ କବାଟ
ମନ ଦେଇ ଏବେ ପଢିବା ପାଠ
ପାଠ ପଢୁଥିଲେ ସୁଗମ ଘାଟ
ନ ପଢିଲେ ଥୁଆ ଗୁରୁଙ୍କ ଚାଟ ●

ଗୋଲାପ କଢ଼ି

ଯାଜ୍ଞସେନୀ ମିଶ୍ର

ଆମେ ଟିକି ଟିକି ଗୋଲାପ କଢ଼ି
ଗାଁ କେନ୍ଦ୍ର ଆମ ବଗିଚା ବାଡ଼ି
ଏହି ବଗିଚାର ମାଳୀ କିଏ ରେ
ଆମକୁ ଆଣି ଯେ ସେନେହ ଦିଏ ରେ
ଏହି ବଗିଚାରେ ଫୁଟିବ ଫୁଲ
ତେବେ ସେ ବୁଝିବ ବଗିଚା ମୂଲ
ଆମେ ---------- (୧)

Digitized by srujanika@gmail.com

ଆମେ ଟିକି ପରଜାପତି
ଆମ ମନେ ନାହିଁ ଜାତିକି ପ୍ରୀତି

ମିଳିମିଶି ଆମେ ପଢୁଛୁ ପାଠ
ଭଲ ପାଠପଢ଼ି ହୋଇବୁ ଠାଟ
ଆମେ.......... (୨)

ଆମରି ଜୀବନ ଆମେ ଗଢ଼ିବୁ
ଅନ୍ୟାୟ ବିରୁଦ୍ଧେ ଆମେ ଲଢ଼ିବୁ
ଭଲବାଟେ ଆମେ ଆଗେଇ ଯିବୁ
ଦେଶପାଇଁ ଆମେ ଜୀବନ ଦେବୁ
ଆମେ.......... (୩)

ଏଇ ମୋରି ଗାଁ

* ରୀନା ସ୍ୱାଇଁ •
ଚୈଦ୍ୱାର

ଏଇ ମାଟିରେ ଜନମ ମୋର
ଏଇ ଗାଁରେ ମୋର ଘର
ପିଲାଠୁ ବଡ଼ ଯେତେ ଅଛନ୍ତି
ସଭିଏଁ ମୋର ଅତି ନିଜର

Digitized by srujanika@gmail.com

ମୋ ଗାଁର ଶଗୁଆ ବିଲ
ନିତି ମୋ ମନ ଟାଣେ
କେଉଁ ପଟରେ କାହାର ଘର
ସବୁତ ମୁହିଁ ଜାଣେ ।

ଗାଁ ମନ୍ଦିର ଠାକୁର ଘର
ଗାଁ ଝରଣା ବହୁଇ ଝର
ଯାହା ହେଲେବି ମୋ ଗାଁ ମୋତେ
ଜୀବନଠୁ ବଳି କରେ ନିଜର ।

ଭାରତ ର ସବୁକିଛି ପାଇବ ମୁଁ ଓଡ଼ିଶାରେ ।

ସୌଦାମିନୀ ସାହୁ (ସଂଗ୍ରାହିକା)
ଚୈଦାର

ଓଡ଼ିଆ ମୁଁ ଓଡ଼ିଆ, ଓଡ଼ିଶା ମୋ କୁଡ଼ିଆ ।
ଭାରତ ସାରା ଦେଉଛି ଧରା, ଏଇ ମାଟିର କୋଳରେ ପରା ।
ଏଇ ଉତ୍କଳ ଜନନୀ ମୋର ଭାରତ ମାତାର କା (୦)
ବଇତରଣୀ ଏ ଓଡ଼ିଶାର ଗଂଗା, ଯମୁନା ଏ ମହାନଦୀ ।
ହିମାଳୟ ମୋର ଉଦୟଗିରିରେ, ମୋ ଚିଲିକା ମହୋଦଧି
କାଶୀ ବୃନ୍ଦାବନ ମୋ ଏକାମ୍ର ବନ
ନୀଳାଚଳ ଜଗା କାଳିଆ
ଓଡ଼ିଆ.........(୧)



ଲାଲ୍‌କିଲ୍ଲା ଗଡ଼ ବାରବାଟୀ ମୋର

ତାଜ୍ ମୋର କୋଣାରକ

ଦିଲ୍ଲୀ ସହର ମୋ ଭୁବନେଶ୍ୱର

କଲିକତା ପାରାଦ୍ୱୀପ

ଏଲୋରା ମୋହରି ଏଇ ଖଣ୍ଡଗିରି

ଅଜନ୍ତା ମୋର ଏ ଚୁଡିଆ

ଓଡ଼ିଆ .... (୨)

କାଳିଦାସ ମୋର ଭଞ୍ଜ କବିବର

ଗାନ୍ଧୀ ଉତ୍କଳମଣି

ବିଦ୍ୟାସାଗର ମଧୁସୂଦନ ମୋ

ଲକ୍ଷ୍ମୀବାଈ ବାଙ୍କିରାଣୀ

ପ୍ରତାପ ଶିବାଜୀ ମୋ ସୁବାଷ ବକ୍ସି

ଉକଟ ଶ୍ରୀ ମୋ ବାଜିଆ

ଓଡ଼ିଆ .... (୩)

●

Digitized by srujanika@gmail.com

ଏକ ହୁଅ

ଗଂଗାଧର ଦେବ

ଏକ ହୁଅ ଆଜି ଏକ ହୁଅ
ଏକ କଥା ଚିନ୍ତା କର



ହାତରେ ହାତ ଛନ୍ଦି ଦିଅ
ଏକତାର ଧାରା ଛୁଟାଇ ଦିଅ
ଏକ ହୁଅ.....
ଜାତି-ଭେଦଭାବକୁ ଭୁଲାଇ
ମନରେ ମନ ଆଜି ମିଶାଇ ଦିଅ
ଅନ୍ୟାୟ ଅନୀତିକୁ ହାତେ କାଢ଼ାଇ ଦିଅ

ଆନନ୍ଦ ଧାରାଧାରେ ଛୁଟାଇ ଦିଅ
ଶାନ୍ତିର ସୁଅ ବୁହାଇ ଦିଅ
ଏକ ହୁଅ ଭାଇ ଏକ ହୁଅ.....

ଅଜା ଆଈ

କାଦମ୍ବିନୀ ବେହେରା

ମୋ ଅଜାବୁଢ଼ା ମୋ ଆଈବୁଢ଼ୀ
ଦୁହିଁଙ୍କର ଦାନ୍ତ ଯାଇଛି ପଡ଼ି ।
ପାକୁଆ ପାଟିରେ କଅଁଳ ମାଢ଼ି
ଖାଇ ପାରନ୍ତିନି ନଡ଼ିଆ ମୁଢ଼ି ।

Digitized by srujanika@gmail.com

ଥିଲାଯେ ତାଙ୍କର ଅନେକ ବାଡି
ସେଥିରେ ଲଗାଇ ଦେଲେ କାକୁଡି
ଫଳି ଫଳି ଗଛ ବାଡିରେ ମାଡି
ଫଳିଲା କାକୁଡି ଚୁଟିକି ଚୁଟି

ଅଜା ଦେଖ ଏତେ କାକୁଡି
ଅଛି ଉପରକୁ ଗଲେ ବିଗିଡି ।

ରାଗରେ କହିଲେ ହଇଲୋ ବୁଢୀ
କେମିତି ଖାଇବା ଏତେ କାକୁଡି
ପାରୁଛି ଗଛକୁ ଦେବି ଉପାଡି ●

ସଂଗୃହୀତ

ଗଛର ରୋଷେଇଶାଳି (ବିଜ୍ଞାନ)

ମଣିଷ ପରି ଗଛର
ହୁଏ ଖାଦ୍ୟ ପ୍ରୟୋଜନ
ସୂର୍ଯ୍ୟ ଆଲୋକ କରେ
ସେ ଖାଦ୍ୟର ଆୟୋଜନ ।

Digitized by srujanika@gmail.com



ମୂଳ ତାହାର ମାଟି ଭିତରୁ
ରସ ନିଏ ଟାଣି
ପଠାଏ ପତ୍ରକୁ ପତ୍ର
ଅବିରତ ନେବାଷ୍ଣି ।



ତାହାପରେ ସୂର୍ଯ୍ୟାଲୋକ
ପଡେ ପତ୍ର ଉପରେ
ଶକ୍ତି ପାଏ ପତ୍ରଗୁଡିକ
ଯତ୍ନକୁ ଯତ୍ନ ନିବିଡ଼
କାର୍ବନ-ଡାଇ ଅକ୍ସାଇଡ୍
ପବନ ମଧ୍ୟରୁ କାଢି
ରୋପେଇ ଆରମ୍ଭ କରେ
ଅକ୍ସିଜେନ୍ ଛାଡି



ଏହି ପ୍ରକାରେ ହୁଅଇ
ଗଛର ଖାଦ୍ୟ ହଜମ
ଆଲୋକ ସଂଶ୍ଳେଷ ଅଟେ
ଏହି କ୍ରିୟାର ନାମ ।

Digitized by srujanika@gmail.com

ସଂଗୃହୀତ

ଦିନ ରାତିର ଚିହ୍ନ (ବିଜ୍ଞାନ)

ଚବିଶ ଘଣ୍ଟାରେ ଥରେ
ପୃଥିବୀଯେ ଘୁରେ
ନିଜ ଅକ୍ଷକୁ ଧରି
ପଶ୍ଚିମରୁ ପୂର୍ବ ଆଡେ ।

ତାହା ଫଳରେ ରାତିଦିନ
ବାରଘଣ୍ଟା କରି
ହୁଏ ପୃଥିବୀରେ ତାର
ଆକାଶ ଗୋଲ ବୋଲି



ସୂର୍ଯ୍ୟ ଆଡେ ପୃଥିବୀର
ଯେଉଁ ପାଖ ରହେ,
କିରଣର ଦୀପ୍ତି ହୁଏ
ଦିନ ତାକୁ କହେ ।

ପଛପଟ ଘୋର ଅନ୍ଧାର
ସେ ତ ହୁଏ ରାତି,
ଦିନ ରାତିର ଏହି ଖେଳକୁ
କହେ ଆହ୍ନିକ ଗତି ।

Digitized by srujanika@gmail.com

ପ୍ରାର୍ଥନା

ସୌଦାମିନି ସାହୁ
ଶୈଦ୍ୱାର

ଟିକି ଫୁଲଟିଏ ଗଢିଦିଅ ପ୍ରଭୁ
ଟିକି ବଗିଚାର କୋଳେ
ଟିକି ଲତାଡାଳେ ଝୁଲୁଥିବି ମୁହିଁ
ଟିକି ଗୋଲାପର ଡାଳେ
ଟିକି ଟିକି ହସ ଝରି ପଡ଼ିବ
ଟିକି ଅଧରରୁ ମୋର
ଟିକି ପାଖୁଡ଼ାରେ ସଜାଇ ଦେବି ମୁଁ
ଟିକି ଠାକୁରାଣୀ ଘର ।

ଟିକି ଗଛଟିଏ ଗଢିଦିଅ ମୋତେ
ଟିକି ଝରଣାର କୋଳେ
ଟିକି ଟିକି ପତ୍ରେ ଭରିଦିଅ ପ୍ରଭୁ
ଟିକି ଟିକି ଫୁଲ ଫଳେ ।

ଟିକି ମାଳ ହୋଇ ତବ ପାଦ ତଳେ
ସେବିବି ମୁଁ ଦିନରାତି
ଟିକି ଫଳ ହୋଇ ଭୋଗ ମୁଁ ଲାଗିବି
ଅଧୁନା କରେ ମିନତି ।

Digitized by srujanika@gmail.com